୩ଟି ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ୪୧୭କୋଟି ମଞ୍ଜୁର

କେନ୍ଦ୍ରାପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡା ଜିଲ୍ଲାର ୩ଟି ବ୍ଲକ ପଟ୍ଟାମୁଣ୍ଡାଇ, ରାଜନଗର ଓ ଗରଦପୁର ପାଇଁ ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୪୧୭କୋଟି ଟଙ୍କା ମଞ୍ଜୁର ନିମନ୍ତେ ମୁଖ୍ୟମନ୍ତ୍ରୀ ଅନୁମୋଦନ କରଛନ୍ତି। ସେଥିପାଇଁ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦୁହୁରିଆ ନିକଟସ୍ଥ ଏକ ହୋଟେଲ ପରିସରରେ ବିଜେଡି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡାଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେହି ସାମ୍ବାଦିକ ସମ୍ମିଳନୀରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକ, କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଓ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ସଞ୍ଜୟ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସେହି ବୈଠକରେ ଜିଲ୍ଲା ସଭାପତି କହିଥିଲେ ଯେ ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇଦେବା ପାଇଁ ବିଜୁ ଜନତା ଦଳ ସଭାପତି ତଥା ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିବଦ୍ଧ। କେନ୍ଦ୍ରାପଡା ଜିଲ୍ଲାରେ ୩ଟି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୪୧୭କୋଟି ଟଙ୍କାରେ କାର୍ଯ୍ୟକାରୀ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୩ଟି ବ୍ଲକ ଅଧିନରେ ଥିବା ୭୬ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୫୨୨ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୪ଲକ୍ଷ ୩୫ହଜାର ୧୯୦ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିମଧ୍ୟରୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧିନରେ ଥିବା ୨୯ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୧୩୮ଟି ଗ୍ରାମର ପ୍ରାୟ ଏକଲକ୍ଷ ୫୫ହଜାର ୩୩୪ ଜଣ, ରାଜନଗର ବ୍ଲକ ଅଧିନରେ ଥିବା ୨୯ଟି ଗ୍ରାମପଞ୍ଚାୟତର ୨୪୯ଟି ଗ୍ରାମର ପ୍ରାୟ ଏକଲକ୍ଷ ୬୮ହଜାର ୭୧୨ଜଣ ଓ ଗରଦପୁର ବ୍ଲକ ଅଧିନରେ ଥିବା ୧୮ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୧୩୫ଟି ଗ୍ରାମର ପ୍ରାୟ ଏକଲକ୍ଷ ୧୧ହଜାର ୧୪୪ ଜଣ ସାଧାରଣ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ସମସ୍ତ ୩ଟି ପ୍ରକଳ୍ପକୁ ଆସନ୍ତା ୨୪ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜନଗର ବିଧାୟକ ଶ୍ରୀ ସାହୁ କହିଥିଲେ ଯେ ଆମ ମୁଖ୍ୟମନ୍ତ୍ରୀ ମୋଟ ୧୯୮.୮୧ କି.ମି. ଦୀର୍ଘ ଲୁଣାବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ସେହି ଲୁଣାବନ୍ଧ ଗୁଡିକୁ ବାତ୍ୟା ପ୍ରତିରୋଧକସ୍ତରକୁ ଅଣାଯାଇ ଘଣ୍ଟା ପ୍ରତି ୨୫୦କି.ମି. ବେଗରେ ବହୁଥିବା ବାତ୍ୟା, ଉଚ୍ଚ ଜୁଆର, ଲୁଣାପାଣି ମାଡିଯିବା ତଥା ବାତ୍ୟା ଦାଉରୁ ନିକଟସ୍ଥ ସ୍ଥଳଭାଗ ଓ ଜନବସତିକୁ ସୁରକ୍ଷା ପ୍ରଦାନ କରାଯିବ। ଏହି ଯୋଜନାଟି ଆମ ରାଜ୍ୟର ୪ଟି ବାତ୍ୟା ପ୍ରବଣ ଉପକୂଳବର୍ତ୍ତୀ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ପୁରୀରେ କାର୍ଯ୍ୟକାରୀ କରାଯିବା ପାଇଁ ୭୬୩କୋଟି ୪୮ଲକ୍ଷ ଟଙ୍କା ବିଜୁ ଜନତା ଦଳ ସଭାପତି ତଥା ଓଡିଶାର ମୁଖ୍ୟମନ୍ତ୍ରୀ 'ବାତ୍ୟା ପ୍ରତିରୋଧକ ଲୁଣା ବନ୍ଧ ପ୍ରକଳ୍ପ' ମଞ୍ଜୁର କରିଛନ୍ତି। ଏହା ୨୦୨୨-୨୩ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇ ୨୦୨୪-୨୫ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ କରାଯିବ। ଏହାଦ୍ୱାରା ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର, ଭୋଗରାଇ ଏବଂ ରେମୁଣା ବ୍ଲକ, ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ, କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଏବଂ ମହାକାଳପଡା ବ୍ଲକ ଓ ପୁରୀ ଜିଲ୍ଲାର କାକଟପୁର, ଅସ୍ତରଙ୍ଗ ଏବଂ କୃଷ୍ଣପ୍ରସାଦ ବ୍ଲକର ୨୧ହଜାର ୬୯୦ ହେକ୍ଟର ଚାଷ ଜମିକୁ ବନ୍ୟା ଓ ଲୁଣା ପାଣି ମାଡିଯିବାରୁ ରକ୍ଷା କରାଯିବା ସହିତ ୧୩୬ଟି ଗ୍ରାମରେ ବସବାସ କରୁଥିବା ୩ଲକ୍ଷରୁ ଉର୍ଦ୍ଧ୍ୱ ପରିବାରଙ୍କ ଧନଜୀବନ ସୁରକ୍ଷିତ ରହିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବରିଷ୍ଠ ବିଜେଡି ନେତା ଦେବଦାସ ମହାନ୍ତି, ଯୁବନେତା ରାଜେଶ ପଣ୍ଡା, ହିରଣ୍ୟ ପଣ୍ଡା, ଆଲୋକ ସାହୁ, ଦେବାଶିଷ କୁବେରଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡା ଡାକ ମଣ୍ଡଳ ଅନ୍ତର୍ଗତ ଦକ୍ଷିଣ ଉପମଣ୍ଡଳ ଅଧିନରେ ଥିବା ନଡିଆବରେଇ ଶାଖା ଡାକଘର ସହଯୋଗରେ ଗୋଠେଶ୍ୱର ମହାଦେବଙ୍କ ପୀଠରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଓ ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡା ଡାକ ଦକ୍ଷିଣ ଉପମଣ୍ଡଳ ନୀରିକ୍ଷକ ଆଦିତ୍ୟ କୁମାର ଜେନା ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନଡିଆବରେଇ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ,ଗୁରୁମା, ଗ୍ରାମର ବରିଷ୍ଠ ନାଗରିକ, ସମାଜସେବୀ, କେନ୍ଦ୍ରାପଡା ଡାକ ମଣ୍ଡଳ ଉପ ଅଧିକ୍ଷକ, ଆଇ.ପି.ପି.ବି.ର ପରିଚାଳକ, ଭରତପୁର, ଚକ୍ରୋଡା, କନ୍ତିଆ, କୋରୁଆ, ବାବୁଜଙ୍ଗ, ତଳକୁସୁମା, ବଛରେଇ, ବନ୍ଧକଟା, ପେଣ୍ଠ, ଗୋପେଇ, ଆଇତିପୁର, ତଳକୁସୁମା, କୁଦାନଗରୀ, ଚାଙ୍ଗୋଳ ପ୍ରଭୃତି ଶାଖାର ଶାଖା ଡାକପାଳମାନେ ଯୋଗ ଦେଇଥିଲେ। ପ୍ରଥମେ ଶୋଭାଯାତ୍ରାରେ ବାହାରି ନଡିଆବରେଇ, ତିକନପୁର ପ୍ରଭୃତି ଗ୍ରାମକୁ ଗ୍ରାମ ବୁଲି ହର ଘର ତ୍ରିରଙ୍ଗା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା କରିଥିଲେ। ଏହାପରେ ଗୋଠେଶ୍ୱର ପୀଠରେ ଏକ ଡାକମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ଡାକଘର ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ଓ ସୁଯୋଗ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଡାକମଣ୍ଡଳ ଉପନୀରିକ୍ଷକ ଶ୍ରୀ ଜେନା ଓ ଆଇପିପିବି ପରିଚାଳକ ପ୍ରମୁଖ ବୁଝାଇଥିଲେ।

ତ୍ରିରଙ୍ଗୀ ଆଲୋକରେ ଝଲକୁଛି ପାରାଦୀପ ବନ୍ଦର



ପାରାଦୀପ(ଅମୃତ ମିଡିଆ): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଆଜାଦୀ କି ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସାରା ଦେଶରେ 'ହର ଘର ତ୍ରିରଙ୍ଗା' ଅଭିଯାନ ଓ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦରାଞ୍ଚଳରେ ଥିବା ପ୍ରଶାସନିକ କାର୍ଯ୍ୟାଳୟ, ବିଭିନ୍ନ ସୌଧ ତଥା ଅଧିକାରୀ ଓ କର୍ମଚାରୀ ମାନଙ୍କ ଆବାସିକ ଉପରେ ଜାତୀୟ ତ୍ରିରଙ୍ଗା ପତାକା ଲଗାଯାଇଛି। ଏତଦ୍‌ବ୍ୟତୀତ ବନ୍ଦରର ପ୍ରଶାସନିକ ଭବନ, ଜବାହରଲାଲ ନେହେରୁ ବଙ୍ଗଳା ଅତିଥି ଭବନ, ଅଠରବାଙ୍କୀ ମୁଖ୍ୟ ପ୍ରବେଶ ପଥ, ନିଷିଦ୍ଧାଞ୍ଚଳର ବିଭିନ୍ନ ପ୍ରବେଶ ପଥ, ବନ୍ଦର ଅଫିସର୍ସ କ୍ଲବ ଇତ୍ୟାଦି ସୌଧମାନଙ୍କରେ ଜାତୀୟ ପତାକା ସଦୃଶ ତ୍ରିରଙ୍ଗୀ ଆଲୋକରେ ସଜ୍ଜିତ କରାଯାଇଛି। ସନ୍ଧ୍ୟାରେ ଏହି ଦୃଶ୍ୟ ଅତି ମନୋରମ ହୋଇଥିବାବେଳେ ବନ୍ଦର କର୍ତ୍ତୃପକ୍ଷଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। ଯଦିଓ କରୋନା ସଂକ୍ରମଣ କଟକଣା ଯୋଗୁଁ ଚଳିତ ସ୍ୱାଧୀନତା ଦିବସ ପାଳନକୁ ସଙ୍କୁଚିତ କରାଯାଇଛି। ତଥାପି ପ୍ରଧାନମନ୍ତ୍ରୀ ମୋଦୀଙ୍କ ହର ଘର ତ୍ରିରଙ୍ଗା ଅଭିଯାନ ସାଧାରଣରେ ସମସ୍ତଙ୍କ ମନରେ ଉତ୍ସାହ ଭରି ଦେଇଥିବା ଦେଖିବାକୁ ମିଳୁଛି।

୫-ଟି ରୂପାନ୍ତରଣରେ କ୍ଷେତ୍ରମୋହନ ବିଦ୍ୟାପୀଠ ସାମିଲ

ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ): ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ବିଦ୍ୟାଳୟ ଗୁଡ଼ିକୁ ୫ଟି ରୂପାନ୍ତରିତ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ତର୍ଭୁକ୍ତ କରାଯିବା ଏକ ନିଆରା ଉନ୍ନତ ଚିନ୍ତାଧାରା। ଏହି ବିକାଶମୂଳକ କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଉଦ୍ୟମକ୍ରମେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବହୁ ବିଦ୍ୟାଳୟକୁ ଏପର୍ଯ୍ୟନ୍ତ ୫ଟି ରୁପାନ୍ତରିତ ଯୋଜନାରେ ଯୋଡ଼ାଯାଇଛି । ବିଧାୟକ ଶ୍ରୀ ଜେନାଙ୍କ ଉଦ୍ୟମ କ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ଗ୍ରାମପଞ୍ଚାୟତ କ୍ଷେତ୍ରମୋହନ ବିଦ୍ୟାପୀଠ ୫ଟି ରୂପାନ୍ତରିତ ଯୋଜନାରେ ସାମିଲ ହେବାକୁ ଯାଉଛି । ବିଧାୟକ ଶ୍ରୀ ଜେନାଙ୍କ ଉଦ୍ୟମରେ ଏହା ସଫଳ ହେବାକୁ ଯାଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିନିମନ୍ତେ ବିଧାୟକ ଶ୍ରୀ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରସ୍ତୁତି ବୈଠକ କ୍ଷେତ୍ରମୋହନ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଲ୍ଲାପରିଷଦ ଜସ୍ମିତା ସେଠୀ, ବରିଷ୍ଠ ମୁରବୀ ଫକୀରଚରଣ ନାୟକ, ସରପଞ୍ଚ ରାକେଶ ମଲିକ, ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ସାହୁ, କିଶୋରଚନ୍ଦ୍ର ନାଥ, ଅକ୍ଷୟ କୁମାର ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ନିମାଇଁଚରଣ ସ୍ୱାଇଁ, ସନ୍ତୋଷ କୁମାର ପାତ୍ର, ଭାଗବତ ବଳ, ଅଲେଖ ଚନ୍ଦ୍ର ମହାରଣା ଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଗ୍ରାମବାସୀମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଲଗାଣ ବର୍ଷାରେ ଖାଁ ଖାଁ ବଜାର

ରଘୁନାଥପୁର(ଅମୃତ ମିଡିଆ): ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷାରେ ରଘୁନାଥପୁର ବଜାର ସମେତ ଜଗନ୍ନାଥପୁର ବଜାର ଓ ହାଟବଜାର ଏକ ପ୍ରକାର ବନ୍ଦ ରହିଥିବା ଜଣାଯାଇଛି। ଅତ୍ୟାବଶ୍ୟକ ଜିନିଷ ପାଇଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଚାଷ ଜମିରେ ପାଣି ଜମି ରହିଥିବାରୁ ଚାଷ କାର୍ଯ୍ୟରେ ମଧ ବ୍ୟାଘାତ ଦେଖାଯାଇଥିଲା। ପ୍ରବଳ ବର୍ଷା ପାଇଁ ଜନଜୀବନ ବ୍ୟାହାତ ହୋଇଥିବା ବେଳେ ରଘୁନାଥପୁର ସରପଞ୍ଚ ସୁଚିତ୍ରା ପଣ୍ଡା ଓ ସମାଜସେବୀ ଚନ୍ଦ୍ରକାନ୍ତ ପଣ୍ଡା ନିଜ ପଂଚାୟତର ପାଣି ଜମି ଥିବା ତଳିଆ ଅଞ୍ଚଳକୁ ବୁଲି ଦେଖିବା ସହ ଆଗାମୀ ଦିନରେ ଏହାର ନିରାକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ

ଖୋର୍ଦ୍ଧା(ଅମୃତ ମିଡିଆ): ଖୋର୍ଦ୍ଧା ଶିକ୍ଷା ବ୍ଲକ ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ କଦଳୀବାଡ଼ିରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପ ମରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କୁରାଡ଼ମଲ୍ଲ ପଞ୍ଚାୟତର ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଧ୍ରୁବଚରଣ ରଣା, ୱାର୍ଡ଼ମେମ୍ବର ରବିନ୍ଦ୍ର କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ରାଉତରାୟ, ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ପାଇକରାୟ, ଉପସଭାପତି ସୁଜାତା ମହାରଥୀ ଯୋଗ ଦେଇଥିଲେ। ଶିକ୍ଷକ ପ୍ରସନ୍ନ ମହାପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୭ ବିଦ୍ୟାର୍ଥୀଙ୍କୁ ଦୁଇ ହଳ ଲେଖାଏଁ ପୋଷାକ, ଏକ ହଳ ଲେଖାଏଁ ଜୋତା ଏବଂ ଦୁଇ ହଳ ଲେଖାଏଁ ମୋଜା ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ପ୍ରସନ୍ନ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନାବିକ ପ୍ରଶିକ୍ଷଣ କେନ୍ଦ୍ରକୁ ନେଇ ବିଜେପିର ସମ୍ବାଦିକ ସମ୍ମିଳନୀ

ଚାନ୍ଦବାଲି (ଅମୃତ ମିଡିଆ): ଚାନ୍ଦବାଲିରେ ନାବିକ ପ୍ରଶିକ୍ଷଣ କେନ୍ଦ୍ର ୧୯୬୦ ମସିହାରେ ସ୍ଥାପତି ହେବା ପରେ ଏବେ ସେହି କେନ୍ଦ୍ରର ଭିତ୍ତି ଭୂମିର ବିକାଶ ପାଇଁ ଚାନ୍ଦବାଲି ନାବିକ ପ୍ରଶିକ୍ଷଣ କେନ୍ଦ୍ରରେ କେନ୍ଦ୍ର ସରକାରଙ୍କ ଜାହାଜ ପ୍ରଶିକ୍ଷଣ କେନ୍ଦ୍ର ପାଇଁ କେନ୍ଦ୍ର ସରକାର ୧ ଶହ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏଥିନେଇ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାର ୧୦ ଏକର ଜାଗା ମାଗିଛନ୍ତି । ୩୦/୯/୨୦୨୧ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଡ୍ରିଜି ସିପିଂ ପାଇଁ ୧୦ ଏକର ଜମିର କାଗଜପତ୍ର ଦାଖଲ କରିବା ପାଇଁ ଚିଠି କରିବା ପରେ ରାଜ୍ୟ ସରକାର ଏଯାବତ କେନ୍ଦ୍ର ସରକାରଙ୍କୁ ଏ ସଂପର୍କରେ କୌଣସି ଉତ୍ତର ନ ରଖିବା କାଗଜପତ୍ର ହସ୍ତାନ୍ତର କରୁନାହାଁନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଡ୍ରିଜି ସିପିଂ ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଜାଗା ହସ୍ତାନ୍ତର ପାଇଁ ଚିଠି କରିବା ପରେ କେନ୍ଦ୍ରମନ୍ତ୍ରୀଙ୍କୁ ଭଦ୍ରକ ସାଂସଦ ଭେଟି ଡ୍ରିଜି ସିପିଂ କାର୍ଯ୍ୟ ତୁରନ୍ତ କରିବାକୁ ଦାବି କରିବା ଘଟଣାକୁ ବିଜେପି ଦଳ ପକ୍ଷରୁ ନିନ୍ଦା କରାଯିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ।

ବିଜେପିର ତ୍ରିରଙ୍ଗା ଶୋଭାଯାତ୍ରା

ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ଉପଲକ୍ଷେ ମାହାଙ୍ଗା ବିଜେପି ନେତା ଶାରଦା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ ଦିକ୍ଷିତପଡ଼ା ସ୍ଥିତ କର୍ମବୀର ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ କର୍ମବୀର ଗୌରୀଶଙ୍କର ରାୟଙ୍କ ବାସଭବନରେ ତ୍ରିରଙ୍ଗା ପତାକା ଲଗାଇ ଏହି ଶୁଭ ଦେଶସେବା ମୂଳକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ଏପରିକି ସ୍ଥାନୀୟ ଅଞ୍ଚଳର ଘରେ ତ୍ରିରଙ୍ଗା ପତାକା ଲଗାଇବା ସହ ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କ ପାଇଁ ବିଭିନ୍ନ ପ୍ରକାର ନାରାବାଜି ଦିଆଯାଇ ଗ୍ରାମ ପରିଭ୍ରମଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବିଜେପି ବିଧାୟକ ପ୍ରାର୍ଥୀ ଶାରଦା ପ୍ରଧାନଙ୍କ ସହ ବିଜେପି ମଣ୍ଡଳ ସଭାପତି କୈଳାସଚନ୍ଦ୍ର ବେହେରା, ବିଜେପି କର୍ମୀ ତ୍ରିଲୋଚନ ନାୟକ, ଅଭୟ ପାତ୍ର, ସମିତିସଭ୍ୟ ଭବାନୀ ବେହେରା, କ୍ଷୀରୋଦ ପାତ୍ର, ପବିତ୍ର ମହାନ୍ତି, ଗୋଲଖ ସିଂ, ସୁମନ୍ତ ସିଂ, ସୁଶାନ୍ତ ପଣ୍ଡା, ଅଜୟ ମହାକୁଡ଼,ସଂଜିବ ସାହୁ, କାଜଲ ପ୍ରିୟଦର୍ଶିନୀ, ପ୍ରତିମା ସିଂ, ସୌଦାମିନୀ ବେହେରା, ସସ୍ମିତା ବଳ ପ୍ରମୁଖଙ୍କ ସମେତ ବହୁ ବିଜେପି କର୍ମୀମାନେ ଅଂଶଗ୍ରହଣ କରିଥିଲେ।

ଦୁର୍ଘଟଣାରେ କନିଷ୍ଠ ଯନ୍ତ୍ରୀଙ୍କ ପରଲୋକ

ଆନନ୍ଦପୁର(ଅମୃତ ମିଡିଆ): ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗର କିନଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ମାରାଣ୍ଡି (୩୨)ଙ୍କର ଗତ ୧୨ତାରିଖରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାର ଜଣାଯାଇଛି। ପ୍ରକାଶ ଯେ, ଶାଳପଡ଼ାସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗରରେ ଶ୍ରୀଯୁକ୍ତ ମାରାଣ୍ଡି କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ଗତ ଶୁକ୍ରବାର ନିଜ ଗ୍ରାମ ହରିଚନ୍ଦପୁର ଥାନା ଅନ୍ତର୍ଗତ ଟାଙ୍ଗିରିଆପାଳକୁ ବାଇକ୍ ଯୋଗେ ଯାଉଥିବା ବେଳେ ନାରଙ୍ଗପୁର ଠାରେ ଏକ ଷଣ୍ଢ ସହିତ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ କେଶଦୁରାପାଳ ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ଶୁଣି ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଭାରତୀୟ ମହିଳା ଶକ୍ତି ଟ୍ରଷ୍ଟ କାର୍ଯ୍ୟାଳୟ ଉଦ୍‌ଘାଟିତ

ରଘୁନାଥପୁର(ଅମୃତ ମିଡିଆ): ଗତ ୨୦୨୧ ମସିହା ଅଗଷ୍ଟ ୭ ତାରିଖରୁ ଗ୍ରାମ୍ୟ ସ୍ୱରୋଜଗାର କ୍ରାନ୍ତି ଯୋଜନା ମାଧ୍ୟମରେ ଓଡିଶାର ଗ୍ରାମ୍ୟାଞ୍ଚଳମାନଙ୍କରେ କୁଟୀର ଉଦ୍ୟୋଗ ସ୍ଥାପନ କରିବା ସହିତ ପ୍ରତ୍ୟେକ ପରିବାରର ମହିଳାମାନଙ୍କୁ ସଶକ୍ତିକରଣ କରିବା ଲକ୍ଷ୍ୟ ନେଇ ସଂସ୍ଥାପକ ତଥା ଅଧ୍ୟକ୍ଷ ଦୁଲାଲ ମୁଖାର୍ଜିଙ୍କ ଦ୍ୱାରା ଆରମ୍ଭ କରା ଯାଇଥିବା ଭାରତୀୟ ମହିଳା ଶକ୍ତି ଟ୍ରଷ୍ଟ କାର୍ଯ୍ୟ କରି ଆସୁଛି। ଏହି ଟ୍ରଷ୍ଟ ବିଗତ ଦିନରେ ରାଜ୍ୟର କୋରାପୁଟ, ବରଗଡ, ଗଜପତି, ପୁରୀ ଓ ନୂଆପଡା ଜିଲ୍ଲାରେ କାର୍ଯ୍ୟ କରି ଆସୁଥିବା ବେଳେ ନୂତନ ଭାବେ ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟ କରିବା ପାଇଁ ଜିଲ୍ଲା ପ୍ରଭାରୀ ସୁପ୍ରଭା ସ୍ୱାଇଁଙ୍କ ପ୍ରଚେଷ୍ଟାରେ ତଘୁନାଥପୁର ବ୍ଲକ ଜଗନ୍ନାଥପୁର ଠାରେ ଆଜି ଏହାର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇ ଯାଇଛି। ଏହାକୁ ଜଗନ୍ନାଥପୁର ସରଞ୍ଚ ଜଗବନ୍ଧୁ ମଲ୍ଲିକ ପ୍ରଦିପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଟ୍ରଷ୍ଟ ଦ୍ୱାରା ବ୍ଲକର ଶତାଧିକ ମହିଳା ରୋଜଗାରକ୍ଷମ ହେବା ସହିତ ସରକାରୀ ସହାୟତାକୁ ଅପେକ୍ଷା ନ କରି ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସହାୟକ ରାଜ୍ୟ ପ୍ରଭାରୀ ଚିତ୍ତ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ସହାୟକ ପ୍ରଭାରୀ ନାରାୟଣ ମହାରଣା, ଗୁଆଳିପୁର ସମିତି ସଭ୍ୟ କମଳାକାନ୍ତ ପରିଡା, ନିର୍ଝରିଣୀ ବିଶ୍ୱାଳ, ଜଗନ୍ନାଥପୁର ନାଏବ ସରପଂଚ ମମତା ସାହୁ,ଏରସମା, ତିର୍ତୋଲ ଓ ରଘୁନାଥପୁର ବ୍ଲକ କୋ-ଅଡିନେଟର ବିଶ୍ୱଜିତ ଦାସ, ଆର୍ଯ୍ୟବାଳା ନାୟକ ଓ ମାୟାବିନୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶୁଭମ୍ ସ୍ୱାଇଁ, ପ୍ରତାପ କୁମାର ମୁଦୁଲି ଓ ଅନିତା ଡାଲୁଆ ପରିଚାଳନା କରିଥିଲେ।

କଥାକାର ଧୀରେନ୍ଦ୍ର ବେହେରା ସମ୍ବର୍ଦ୍ଧିତ

କଟକ(ବ୍ୟୁରୋ): ଗନ୍ଧର୍ବନାଥ ସେବା ସମିତି ପକ୍ଷରୁ କଟକ ଚୌଦ୍ୱାର ଦୌଲତବାଦ ସଂସ୍କୃତି ଭବନ ପରିସରରେ ବାର୍ଷିକ ଉତ୍ସବ ତଥା ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମେଧାବୀ ଛାତ୍ର ତଥା କଥାକାର, ଭାଗବତରେ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଧୀରେନ୍ଦ୍ର ବେହେରାଙ୍କୁ ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଓ ମାନପତ୍ର ଦେଇ 'ଗନ୍ଧର୍ବ କଥାକାର ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସଭାରେ ଅତିଥି ଭାବେ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ରାଜ୍ୟ ସମାଜସେବୀ ମହାସଂଘର ସଭାପତି, ସମ୍ପାଦକ ତଥା ସ୍ଥାନୀୟ ବିଧାୟକ ସମେତ ଗନ୍ଧର୍ବନାଥ ଫାଉଣ୍ଡେସନର ସଭାପତି, ସମ୍ପାଦକ, ଉପଦେଷ୍ଟା ପ୍ରମୁଖ ଉପସ୍ଥିତ ଥିଲେ।

ବ୍ରହ୍ମାକୁମାରୀ ଆଶ୍ରମରେ ଅମୃତ ମହୋତ୍ସବ ପାଳିତ

ଯୋଡ଼ା(ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ବିଦ୍ୟାଳୟ ପକ୍ଷରୁ ଆଜାଦିର ଅମୃତ ମହୋତ୍ସବ ଓ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଡା ନଗରପାଳ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଯୋଡା ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବା ସହ ବ୍ରହ୍ମକୁମାରୀ ସଂସ୍ଥାର ବଡବିଲ କିରିବୁରୁ ଶାଖାରୁ ଅନେକ ବ୍ରହ୍ମକୁମାରୀ ଆସି ଯୋଗ ଦେଇଥିଲେ। ପ୍ରଥମରେ ହରି ଘର ତ୍ରିରଙ୍ଗା ଜରିଆରେ ପତାକା ଉତ୍ତୋଳନ କରାଯାଇ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହୋଇଥିଲେ। ପରେ ବ୍ରହ୍ମକୁମାରୀ ଈଶ୍ୱରୀୟ ସଂସ୍ଥାର ବଡବିଲ ସଂଚାଳିକା ଓ କିରିବୁରୁ ସଂଚାଳିକା ବ୍ରହ୍ମକୁମାରୀ ଜୟନ୍ତୀ, ବ୍ରହ୍ମକୁମାରୀ ମଞ୍ଜୁ, ବ୍ରହ୍ମାକୁମାରୀ କୁନି ମୁଖ୍ୟ ଅତିଥି ଜଗଦୀଶ ପ୍ରସାଦ ସାହୁଙ୍କ ସହ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ରାକ୍ଷୀ ବାନ୍ଧିଥିଲେ। ବ୍ରହ୍ମା କୁମାରୀ ଜୟନ୍ତୀ ଉପସ୍ଥିତ ଲୋକଙ୍କୁ ଆଧାତ୍ମିକ ଚେତନା ଓ ଆଧାତ୍ମିକ ଭାବନା ବିଷୟରେ ବୁଝାଇ ନିଜ ମନକୁ କିପରି ସୁଦୃଢ ଓ ନିରାମୟ ରଖି ଦେଶ ତଥା ଜାତିର ସାମାଜିକ ସ୍ଥିତି ଦୃଢ଼ ହେବ ସେ ବିଷୟରେ ବୁଝାଇଥିଲେ। ରକ୍ଷାବନ୍ଧନ ମାଧ୍ୟମରେ ସମସ୍ତେ ସମସ୍ତଙ୍କ ସହ ଯୋଡ଼ି ହେବା ସହ ପରସ୍ପର ପ୍ରତି ଭଲ ପାଇବା ଦେଇ ସମାଜରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡା ବଡବିଲ କିରିବୁରୁ ଅଞ୍ଚଳର ଅନେକ ବ୍ରହ୍ମା କୁମାରୀ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ।

ବେଆଇନ କଳାପଥର ଚାଲାଣ

୪ଲିଜ୍‌ଧାରୀଙ୍କ ଉପରେ ୧୦୫ କୋଟି ଜୋରିମାନା

ଜେନାପୁର(ଅମୃତ ମିଡିଆ): ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଞ୍ଚଳରେ ବେଆଇନ କଳାପଥର ଚାଲାଣ ନେଇ ୪ ଜଣ ଲିଜଧାରୀଙ୍କ ଉପରେ ସରକାରଙ୍କ ପକ୍ଷରୁ ୧୦୫ କୋଟି ୧୩ ଲକ୍ଷ ଟଙ୍କାର ଜୋରିମାନା ଆଦାୟ କରାଯିବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଛି। ତେବେ ଏହା ଠାରୁ ଅଧିକ ଲୁଟ କରିଥିବା ଲିଜଧାରୀଙ୍କ ଉପରେ ସରକାର ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧର୍ମଶାଳାର ବିଜେଡି ନେତା ତଥା ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳ ବିସ୍ଫୋରକ ବୟାନ ପଥର ମାଫିଆଙ୍କ ହୃତକମ୍ପନ ବଢାଇ ଦେଇଛି।

ଖବରରୁ ପ୍ରକାଶ, ଗତ ମାସରେ ଧର୍ମଶାଳାର କଳାପଥର ହରିଲୁଟ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଧାରଣରେ କଳାପଥର ହରିଲୁଟ ନେଇ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିରେ ବିଜେଡି ନେତା ସତୀଶ ବିଶ୍ୱାଳ ଲୋକଙ୍କ ଉଦ୍‌ବେଗ ନେଇ ସରକାର ଖୁବ ଶୀଘ୍ର ଦୃଢ ପଦକ୍ଷେପ ନେବେ ବୋଲି ଦୃଢତାର ସହ ମତ ରଖିବାର ମାତ୍ର ୧ ମାସ ଭିତରେ ସରକାର ଏଭଳି ଦୃଢ ଏବଂ ଦୃଷ୍ଟାନ୍ତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ତେବେ ଏଥିନେଇ ଆଜି ଧର୍ମଶାଳାରେ ସତୀଶ ଏଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତି ସିଂ ରାଠୋରଙ୍କ ନିଷ୍ଠାପରତାର ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଏଭଳି ପଦକ୍ଷେପ ନବୀନ ପଟ୍ଟନାୟକ ସରକାରଙ୍କ ସ୍ୱଚ୍ଛ ଶାସନ ବ୍ୟବସ୍ଥାକୁ ପ୍ରମାଣିତ କରୁଛି। ଏହାଦ୍ୱାରା ବିରୋଧୀଙ୍କ ସବୁ ସ୍ୱର ବନ୍ଦ ହୋଇଯାଇଛି। ଏଥିପାଇଁ ମୁଁ ଦୀର୍ଘବର୍ଷ ହେଲା ଲଢେଇ କରି ଆସିଛି। ସରକାର ମୋର ସ୍ୱର ଏବଂ ଲୋକମତକୁ ସମ୍ମାନ ଦେଇଛନ୍ତି। ତେବେ ଯେଉଁ ଜୋରିମାନା ହୋଇଛି, ଓଏମଏମସି ନିୟମ ଅନୁସାରେ ପଥର ଚୋରି ନେଇ ୧୦୦ ଭାଗ ଅଧିକ ଜୋରିମାନା କରିବାର ବ୍ୟବସ୍ଥା ଲାଗୁ ହେଲେ ଏହି ଜୋରିମାନା ଆହୁରି ବହୁ ପରିମାଣର ବଢିବ। ଅତୀତରେ ଜଣେ ଇଜିରାଦାରଙ୍କ ଉପରେ ୫୯ କୋଟି ଟଙ୍କାର ଜୋରିମାନା ନେଇ ସରକାର ନୀରବଦ୍ରଷ୍ଟା ସାଜିଥିବା ନେଇ ବିରୋଧୀଙ୍କ ଅଭିଯୋଗ ନେଇ ଖୁବଶୀଘ୍ର ଆମ ସରକାର ଠୋସ ପଦକ୍ଷେପ ନେବେ। ଆଗକୁ ରାଜ୍ୟସ୍ୱାର୍ଥ ଏବଂ ଜନସ୍ୱାର୍ଥ ପାଇଁ ସରକାର ବହୁ ଲୋକାଭିମୁଖୀ ପଦକ୍ଷେପ ନେବେ। ଧର୍ମଶାଳାର ପାହାଡ ପର୍ବତ ଏବେ ମାଟିରେ ମିଶିବାକୁ ଯାଉଥିବା ବେଳେ ଅବଶିଷ୍ଟ ପାହାଡ ଆମ ପରପିଢି ପାଇଁ ବଞ୍ଚିରହୁ। ଏହାପରେ ଗୋଟି ଗୋଟି ଲୁଟେରାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ସତୀଶଙ୍କ ବିସ୍ଫୋରକ ବୟାନ ଏବେ ମାଫିଆଙ୍କ ନିଦ ହଜାଇ ଦେଇଛି। ପ୍ରକାଶ ଥାଉ କି, ମାତ୍ର ତିନି ଚାରି ଜଣ ମାଫିଆ ବିଜେଡି ନାମକୁ ବ୍ୟବହାର କରି ପ୍ରତ୍ୟେକ ଦିନ ବହୁକୋଟି ଟଙ୍କାର କଳାପଥର ଲୁଟ କରି ଚାଲିଛନ୍ତି। ଏମାନଙ୍କ ମଧ୍ୟରୁ କେତେକ ବିଜୁ ଲିଗାସିରେ ନ ଥାଇ ଅନ୍ୟ ଦଳରୁ ଆସି ନିର୍ଦ୍ଦିଷ୍ଟ କ୍ଷମତାସୀନଙ୍କ ବ୍ୟବସାୟିକ ଏଜେଣ୍ଟ ସାଜି ଏହି ଲୁଟ କରି ଚାଲିଛନ୍ତି। ଏଥିପାଇଁ ପ୍ରକୃତ ବିଜୁ ପରିବାର ଅନୁଗତଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ଦିନକୁ ଦିନ କୁହୁଳିବା ସହ ତାହା ଏବେ ବିସ୍ଫୋରକ ମୋଡ ମଧ ନେଉଛି। ଏଥିପାଇଁ ମଧ ସାଧାରଣରେ ଦଳ ଅସନ୍ତୋଷର ଶିକାର ହେଉଛି। ସତୀଶଙ୍କ ଏଭଳି ବୟାନ ଏବେ ଏହି ଅସନ୍ତୋଷର ବିରୁଡି ବଷାରେ ହାତ ମାରିଦେବା ଭଳି ପରିସ୍ଥିତି ସୃଷ୍ଟି କରିଛି। ତେବେ ପ୍ରଶାସନିକ ତଦନ୍ତରେ ଲୁଣିବେରୀ ମୌଜା ଖାଦାନ ନମ୍ବର ୪ର ଲିଜିଧାରୀ ସରୋଜ ରାଉତ ଙ୍କ ନାମରେ ୬୩ କୋଟି ୩୭ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଡଙ୍କାରୀ ଖାଦାନ ନମ୍ବର-୫ର ଲିଜଧାରୀ ରଞ୍ଜନ ଜେନା ନାମରେ ୨୩ କୋଟି ୩୨ ଲକ୍ଷ ଟଙ୍କା, ଲୁଣିବେରୀ ଖାଦାନ ନଂବର୨ ର ଲିଜଧାରୀ ସାବିତ୍ରୀ ପରିଡାଙ୍କ ନାମରେ ୧୬ କୋଟି ୫୭ ଲକ୍ଷ ଟଙ୍କା ଓ ତାଙ୍କ ସ୍ୱାମୀ ଚନ୍ଦ୍ରମଣୀ ପରିଡାଙ୍କ ନାମରେ ଥିବା ଲୁଣିବେରୀ ଖାଦାନ ନମ୍ବର-୩ରେ ମାତ୍ରାଧିକ ଖନନ ପାଇଁ ୧ କୋଟି ୮୭ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି।